# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 15th March - 2025

*************************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ଆସନ୍ତାକାଲି ଫିଟ୍ ଇଣ୍ଡିଆ କାର୍ନିଭାଲ୍‌ର ଶୁଭାରମ୍ଭ କରିବେ କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ାମନ୍ତ୍ରୀ ।

- ପଦ୍ମ ପୁରସ୍କାର-୨୦୨୬ ପାଇଁ ଆଜିଠାରୁ ଆରମ୍ଭ ହେଲା ଆବେଦନ ପ୍ରକ୍ରିୟା ।

- ସ୍ଥାୟୀ ଜୀବନଶୈଳୀ ପାଇଁ ଏକ ପରିବର୍ତ୍ତନର ବାର୍ତ୍ତା ନେଇ ଆଜି ପାଳିତ ହେଉଛି ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ।

ଏବଂ

- ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି; ସର୍ବାଧିକ ଦିନ ତାପମାତ୍ରା ୪୨ ଡିଗ୍ରୀ ସେଲ୍‌ସିୟସ୍ ସମ୍ବଲପୁରଠାରେ ରେକର୍ଡ଼ ।

*Desk*

# ଫିଟ୍ ଇଣ୍ଡିଆ

କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବୀୟ ନୂଆଦିଲ୍ଲୀରେ ଆସନ୍ତାକାଲି ଫିଟ୍ ଇଣ୍ଡିଆ କାର୍ନିଭାଲ୍‌ର ଶୁଭାରମ୍ଭ କରିବେ । ତିନି ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଅଭିଯାନରେ ସୁସ୍ଥ ଜୀବନଶୈଳୀ ଏବଂ ମେଦବହୁଳତାର ନିୟନ୍ତ୍ରଣ ନେଇ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ମଧ୍ୟ ଆୟୋଜିତ ହେବାର କାର୍ଯ୍ୟସୂଚୀ ରହିଛି ।  କାର୍ଯ୍ୟକ୍ରମ ଅବସରରେ ଆସନ୍ତାକାଲି 'ଖେଲୋ ଇଣ୍ଡିଆ ପାରାଗେମ୍‌ସ'ର ପ୍ରତୀକ ଏବଂ ସଙ୍ଗୀତ ଉନ୍ମୋଚନ କରାଯିବ । ସୂଚନାଯୋଗ୍ୟ, ନୂଆଦିଲ୍ଲୀରେ ଆସନ୍ତା ୨୦ ତାରିଖଠାରୁ 'ଖେଲୋ ଇଣ୍ଡିଆ ପାରାଗେମ୍‌ସ' ଆରମ୍ଭ ହେବ ।

*Desk*

# ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୩୦ ତାରିଖ ରବିବାର ଦିନ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ଏହା ହେବ 'ମନ୍ କି ବାତ୍'ର ୧୨୦ତମ ସଂସ୍କରଣ। ଏଥିପାଇଁ ସମସ୍ତଙ୍କଠାରୁ ମତାମତ ଲୋଡ଼ା ଯାଇଛି।  ଜନସାଧାରଣ ନମୋ ଆପ୍ ଓ My Gov ପୋର୍ଟାଲ୍‌ରେ ସେମାନଙ୍କର ମତାମତ ଦେଇ ପାରିବେ । ଏହା ବ୍ୟତୀତ

ସେମାନେ 1800-11-7800 ଡାଏଲ୍ କରି ସେମାନଙ୍କର ମତାମତ ରେକର୍ଡ କରିପାରିବେ । ସେମାନେ ମଧ୍ୟ 1922କୁ ମିସ୍‌ଡ କଲ୍ ଦେଇ SMS ଅନୁସାରେ ନିଜର ମତାମତ ଆସନ୍ତା ୨୫ ତାରିଖ ମଧ୍ୟରେ ଦେଇପାରିବେ ।

ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍‌ୱର୍କ, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ । ଏହା ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ତଥ୍ୟ ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ । ହିନ୍ଦୀ ପ୍ରସାରଣ ପରେ ପରେ ଆକାଶବାଣୀ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣର ପ୍ରସାରଣ କରିବ ।

***Desk***

# ପଦ୍ମ ପୁରସ୍କାର

ପଦ୍ମ ପୁରସ୍କାର-୨୦୨୬ ପାଇଁ ନାମାଙ୍କନ ପ୍ରକ୍ରିୟା ଆଜିଠାରୁ ଆରମ୍ଭ ହୋଇଛି । ରାଷ୍ଟ୍ରୀୟ ପୁରସ୍କାର ପୋର୍ଟାଲ୍‌ରେ ଏହି ନାମାଙ୍କନ ପ୍ରକ୍ରିୟା ଆସନ୍ତା ଜୁଲାଇ ମାସ ୩୧ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ସୂଚନାଯୋଗ୍ୟ, ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା ବ୍ୟକ୍ତିବିଶେଷଙ୍କୁ ପଦ୍ମ ବିଭୂଷଣ, ପଦ୍ମଭୂଷଣ ଓ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରାଯାଇଥାଏ । ଆସନ୍ତାବର୍ଷ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଏହି ପୁରସ୍କାର ପ୍ରଦାନ କରାଯିବ ।

*Desk*

# ମୁଖ୍ୟମନ୍ତ୍ରୀ - ଦିଲ୍ଲୀ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜିଠାରୁ ଦୁଇଦିନିଆ ଦିଲ୍ଲୀ ଗସ୍ତରେ ଯାଇଛନ୍ତି । ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବିଭିନ୍ନ କେନ୍ଦ୍ରୀୟ ନେତା ଓ ମନ୍ତ୍ରୀଙ୍କୁ ସାକ୍ଷାତ୍ କରିବାର କାର୍ଯ୍ୟସୂଚୀ ରହିଛି । ଅନ୍ୟପକ୍ଷରେ ରାଜ୍ୟର ବିଭିନ୍ନ ନିଗମରେ ନିଯୁକ୍ତି ନେଇ ଆଲୋଚନା ହେବାର ସମ୍ଭାବନା ରହିଛି ।

*Ganjam/R*

# ସାଇକ୍ଲୋଥନ

'ସୁରକ୍ଷିତ ତଟ ସମୃଦ୍ଧ ଭାରତ' ଅଭିଯାନ ବାର୍ତ୍ତା ନେଇ ଆଜି ସି.ଆଇ.ଏସ୍.ଏଫ୍.ର ସାଇକେଲ ଶୋଭାଯାତ୍ରା ବାହାରି ଗଞ୍ଜାମ ଜିଲ୍ଲାର ଗୋପାଳପୁରଠାରେ ପହଞ୍ଚିଛି। କୋଲ୍‌କାତାରୁ ବାହାରିଥିବା ଏହି ଶୋଭାଯାତ୍ରା ଆଜି ଅପରାହ୍ଣ ଗୋପାଳପୁରଠାରେ ପହଞ୍ଚିବା ପରେ ଜିଲ୍ଲା ପ୍ରଶାସନ, ପୁଲିସ୍ ଏବଂ ସେନାଦ୍ୱାରା ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଏହି ଅବସରରେ ସେଠାରେ ଉପସ୍ଥିତ ଥିବା ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଓ ଆରକ୍ଷୀ ଅଧୀକ୍ଷକ ଶ୍ରବଣା ବିବେକ ଏମ୍ ପ୍ରମୁଖ ଶୋଭାଯାତ୍ରାରେ ସାମିଲ୍ ହୋଇ ୧୦ କିଲୋମିଟର ପର୍ଯ୍ୟନ୍ତ ସାଇକେଲ୍ ଚଳାଇଥିଲେ ।

କେନ୍ଦ୍ରୀୟ ଉଦ୍ୟୋଗ ସୁରକ୍ଷା ବଳ ପକ୍ଷରୁ ଏଇ ସଚେତନତା ସାଇକେଲ ଶୋଭାଯାତ୍ରାର ୬୦ ଜଣିଆ ଦଳ ପଶ୍ଚିମବଙ୍ଗରୁ ବାହାରି କନ୍ୟାକୁମାରୀ ପର୍ଯ୍ୟନ୍ତ ୬ ହଜାର ୫୫୩ କିଲୋମିଟର ଯାତ୍ରା କରୁଛନ୍ତି । ଭାରତର ତଟବର୍ତ୍ତୀ ଅଞ୍ଚଳ ସୁରକ୍ଷିତ ରଖିବା ତଥା ଦେଶରେ ବେଆଇନ୍ ନିଶା କାରବାର ରୋକିବା ସହ ସମୃଦ୍ଧ ଭାରତ ଗଠନ ଦିଗରେ ସଚେତନତା ବୃଦ୍ଧି ନେଇ ଏହି ଶୋଭାଯାତ୍ରା ବାହାରିଛି ।

***Desk***

# ବିଶ୍ୱ ଉପଭୋକ୍ତା ଦିବସ

ଉପଭୋକ୍ତା ଅଧିକାର ଏବଂ ସୁରକ୍ଷା ନେଇ ଜନସଚେତନତା ବୃଦ୍ଧି ଲକ୍ଷ୍ୟରେ ଆଜି ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ପାଳନ କରାଯାଉଛି । ଉପଭୋକ୍ତାଙ୍କ ମୌଳିକ ଅଧିକାରକୁ ପ୍ରୋତ୍ସାହନ ପ୍ରଦାନ କରିବା ଏବଂ ଏହାକୁ ସୁରକ୍ଷିତ ରଖିବା ନେଇ ପ୍ରତ୍ୟେକ ବର୍ଷ ମାର୍ଚ୍ଚ ୧୫ ତାରିଖରେ ଏହି ଦିବସ ପାଳନ କରାଯାଇଥାଏ । ଚଳିତ ବର୍ଷର ବିଷୟ ବସ୍ତୁ ରହିଛି 'ସ୍ଥାୟୀ ଜୀବନଶୈଳୀ ପାଇଁ ଏକ ପରିବର୍ତ୍ତନ' । ଉପଭୋକ୍ତାଙ୍କ ଅଧିକାରର ସୁରକ୍ଷା ଏବଂ ସେମାନଙ୍କର ଅଭିଯୋଗଗୁଡ଼ିକର ତ୍ୱରିତ ସମାଧାନ ଲକ୍ଷ୍ୟ ନେଇ ସରକାର ବହୁବିଧ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ଜାତୀୟ ଉପଭୋକ୍ତା ହେଲ୍ପ ଲାଇନ୍ ନମ୍ବର ପ୍ରଣୟନ କରାଯିବା ସହ ଅଭିଯୋଗ ସମାଧାନକୁ ତ୍ୱରାନ୍ୱିତ କରାଯାଉଛି । ଇ-କମର୍ସ ସଂସ୍ଥାଗୁଡ଼ିକରେ କଥିତ ଅନିୟମିତତାରୁ

ଉପଭୋକ୍ତାଙ୍କୁ ସୁରକ୍ଷା ଦେବା ଲକ୍ଷ୍ୟ ନେଇ ଖାଉଟି ବ୍ୟାପାର ବିଭାଗ ପକ୍ଷରୁ ଉପଭୋକ୍ତା ସୁରକ୍ଷା (ଇ-କମର୍ସ) ନିୟମାବଳୀ-୨୦୨୦ ପ୍ରଚଳନ କରାଯାଇଛି। ଏହି ନିୟମ ମାଧ୍ୟମରେ ଇ-କମର୍ସ ସଂସ୍ଥାଗୁଡ଼ିକର ଦାୟିତ୍ୱ ନେଇ ସମ୍ପୂର୍ଣ୍ଣ ବିବରଣୀ ରହିଛି।

***Desk***

## ଯୋଶୀ - ଉପଭୋକ୍ତା ଦିବସ

ଉପଭୋକ୍ତାମାନଙ୍କ ସୁରକ୍ଷା ଲାଗି କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଖାଉଟି ବ୍ୟପାର ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ କହିଛନ୍ତି । ଆଭାସୀ ଜରିଆରେ ଏକ ୱେବିନାରକୁ ସମ୍ବୋଧନ କରିବା ଅବସରରେ ଶ୍ରୀ ଯୋଶୀ କହିଛନ୍ତି, ସରକାର ଉପଭୋକ୍ତାଙ୍କ ସଶକ୍ତିକରଣ ଉପରେ ଧ୍ୟାନ ଦେଇ ଅଭିଯୋଗ ଗୁଡ଼ିକର ସମାଧାନ କରିବା ପାଇଁ ଆଧୁନିକୀ ଜ୍ଞାନକୌଶଳ ବ୍ୟବହାର କରୁଛନ୍ତି ।

ଖାଉଟିଙ୍କୁ ସେମାନଙ୍କ ଅଧିକାର ସମ୍ପର୍କରେ ସଚେତନ କରିବା ଏବଂ ନାଗରିକଙ୍କୁ ଏ ସଂକ୍ରାନ୍ତରେ ରହିଥିବା ଆଇନ ଅନୁମୋଦିତ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ଖାଉଟି ସୁରକ୍ଷା ଆୟୋଗର ଅଧ୍ୟକ୍ଷ ଦିଲୀପ କୁମାର ମହାପାତ୍ର ଗୁରୁତ୍ୱ ଦେଇଛନ୍ତି । ଆକାଶବାଣୀକୁ ସେ କହିଛନ୍ତି :

***Voice :............***

*Desk, Bhadrak, Boudh/R*

# ହୋଲି ଉତ୍ସବ

ରାଜ୍ୟରେ ଆନନ୍ଦ ଉଲ୍ଲାସର ସହ ରଙ୍ଗର ପର୍ବ ହୋଲି ପାଳନ ହୋଇଯାଇଛି। ଭ୍ରାତୃତ୍ୱ ଓ ସଦ୍‌ଭାବନାର ଏହି ପର୍ବରେ ସମାଜର ବିଭିନ୍ନ ବର୍ଗର ଲୋକ ସାମିଲ୍ ହୋଇ ରଙ୍ଗଖେଳର ମଜା ନେଇଛନ୍ତି । ଏହିକ୍ରମରେ ଭଦ୍ରକ ଜିଲ୍ଲାର ବିଭିନ୍ନ ସ୍ଥାନରେ ହୋଲି ଓ ଦୋଳ ମେଳଣ ଉତ୍ସବରେ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସାଂସଦ ଅଭିମନ୍ୟୁ ସେଠୀ ଓ ବିଧାୟକ ସୀତାଂଶୁ ଶେଖର ମହାପାତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ । ମତୋ ଅଞ୍ଚଳର ବହୁ ପୁରାତନ ଦେଶ ମେଳଣରେ ବି.ଜେ.ପି. ରାଜ୍ୟ ସଭାପତି ମନମୋହନ ସାମଲ ଯୋଗଦେଇ ସୁସଜ୍ଜିତ ବିମାନରେ ଆସିଥିବା ରାଧାକୃଷ୍ଣଙ୍କୁ ଅବିର ଅର୍ପଣ କରିଥିଲେ । ଏହି ପର୍ବରେ ସାମିଲ୍ ହୋଇ ଭାଇଚାରାକୁ ଅକ୍ଷୁର୍ଣ୍ଣ ରଖିବା ସହ ଓଡ଼ିଆ ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିବାକୁ ଶ୍ରୀ ସାମଲ ପରାମର୍ଶ ଦେଇଥିଲେ ।

ଜିଲ୍ଲାର ପ୍ରସିଦ୍ଧ ଆଖଣ୍ଡଳମଣି ପୀଠର ଚଳନ୍ତି ପ୍ରତିମା ଚନ୍ଦ୍ରଶେଖରଙ୍କୁ ବିମାନରେ ନାଟମଣ୍ଡପକୁ ନିଆଯାଇ ନଗର ପରିକ୍ରମା କରିବା ସହ ନୂତନ ବିରଜା ପଞ୍ଜିକା ପଠନ କରାଯାଇଥିଲା । ଏହାସହ ବିଭିନ୍ନ ସ୍ଥାନରେ ଗୋପାଳଙ୍କ ଫଗୁ ଉତ୍ସବରେ ଲଉଡ଼ି ଖେଳ ସହ ଓଗାଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି ।

ବୌଦ୍ଧ ସହରରେ ଆନନ୍ଦ ଓ ଉଲ୍ଲାସର ସହ ଏହି ଉତ୍ସବ ପାଳିତ ହୋଇଯାଇଛି । ନାମ ସଂକୀର୍ତ୍ତନ ସହ ସୁସଜ୍ଜିତ ବିମାନରେ ରାଧାକୃଷ୍ଣଙ୍କୁ ସହର ପରିକ୍ରମା କରି ଲୋକମାନେ ଅବିର ଖେଳିଛନ୍ତି । ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା, ଆରକ୍ଷୀ ଅଧୀକ୍ଷକ ରାହୁଲ ଗୋୟଲ, ଅତିରିକ୍ତ ଜିଲ୍ଲାପାଳଙ୍କ ସମେତ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଏହି ଉତ୍ସବରେ ସାମିଲ୍ ହୋଇଥିଲେ ।

***Met. O.***

# ପାଣିପାଗ

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାରୁ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି । ଏନେଇ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରିବା ପାଇଁ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ରାଜ୍ୟର କେତେକ ଜିଲ୍ଲାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ରାଜ୍ୟରେ ୩ଟି ସହରର ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ୍ ଉପରେ ରେକର୍ଡ଼ କରାଯାଇଛି । ସର୍ବାଧିକ ତାପମାତ୍ରା ସମ୍ବଲପୁରଠାରେ ୪୨ ଡିଗ୍ରୀ ରେକର୍ଡ଼ କରାଯାଇଛି । ସେହିପରି ଝାରସୁଗୁଡ଼ାରେ ୪୧ ଦଶମିକ ୮ ଓ ରାଉରକେଲାରେ ୪୦ ଦଶମିକ ୪ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ଼ କରାଯାଇଛି । ରାଜ୍ୟରେ ଗ୍ରୀଷ୍ମ ପ୍ରକୋପ

ସମ୍ପର୍କରେ ସୂଚନା ଦେଇ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି :

*Voice* :......

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ପାଗରେ ବିଶେଷ ପରିବର୍ତ୍ତନ ହେବ ନାହିଁ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି ।

*****